ବିହାର ରାଜ୍ୟ ଖାଦ୍ୟ ଏବଂ ବେସାମରିକ ଯୋଗାଣ ନିଗମ

ବନାମ

ନରେନ୍ଦ୍ର କୁମାର ମିଶ୍ର ଏବଂ ଅନ୍ୟଜଣେ

28, ନଭେମ୍ବର 1995

[କେ. ରାମାସ୍ୱାମୀ ଏବଂ ଏସ୍. ବି. ମଜମୁଦାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950: ଅନୁଚ୍ଛେଦ 136 ।*

*କର୍ମଚାରୀ- ଅର୍ଥର ତୋସାରପାତ-ଅଭିଯୋଜନ ପାଇଁ ମଞ୍ଜୁରୀ- ବିଳମ୍ବ- ଖଲାସ୍- ନିର୍ଣ୍ଣିତ ଯେ କୌଣସି ହସ୍ତକ୍ଷେପ ଆବଶ୍ୟକ ନଥିଲା ।*

**ଅର୍ଥର ଆତ୍ମସାତ୍ ପାଇଁ ଉତ୍ତରଦାତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା, କିନ୍ତୁ ତାଙ୍କ ବିରୋଧରେ ଦଣ୍ଡ ପ୍ରକ୍ରିୟା ସଂହିତା, 1973ର ଧାରା 197 ଅନୁଯାୟୀ ଅଭିଯୋଜନ ପାଇଁ ମଞ୍ଜୁରି ମିଳିନଥିବା ଦର୍ଶାଇ ତାଙ୍କୁ ଦୋଷମୁକ୍ତ କରାଯାଇଥିଲା । ପରବର୍ତ୍ତୀ ସମୟରେ, ମଞ୍ଜୁରି ପ୍ରାପ୍ତ ହୋଇଥିଲା କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ କାରଣ ଅଭିଯୋଜନ ଦାୟର କରିବାରେ 15 ବର୍ଷ ବିଳମ୍ବ ହୋଇଥିଲା ।**

**ନିଯୁକ୍ତିଦାତାଙ୍କ ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଉଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଛନ୍ତି, କିନ୍ତୁ ଏହି ପର୍ଯ୍ୟାୟରେ, ସମୟର ଦୂରତାକୁ ଦୃଷ୍ଟିରେ ରଖି, ଏହି ମାମଲାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଯାହା କେବଳ ବିଚାର ଆରମ୍ଭ ହେବାର ପର୍ଯ୍ୟାୟରେ ଅଛି । ଅସ୍ୱାଭାବିକ ବିଳମ୍ବକୁ ସମ୍ପୂର୍ଣ୍ଣ ଭାବେ ବିଚାରକୁ ନେଲେ, ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ହସ୍ତକ୍ଷେପ ପାଇଁ ଏହା ଉପଯୁକ୍ତ ମାମଲା ନୁହେଁ ।**

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 1578/1995 ।

ଫୌଜଦାରୀ ବିବିଧ ଅବେଦନ ସଂଖ୍ୟା 3575/1991 ରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କର 11.3.92 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଉଦୟ ସିହ୍ନା, ରଞ୍ଜନ ମୁଖାର୍ଜୀ ଏବଂ ଗୋପାଳ ସିଂ ଆବେଦନ କରିଥିଲେ ।

ଉତ୍ତରଦାତାଙ୍କ ପାଇଁ ରଞ୍ଜିତ ସିଂହ

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

ଅନୁମତି ପ୍ରଦାନ କରାଗଲା

ଏହା କୁହାଯାଇଛି ଯେ ପ୍ରଥମ ଉତ୍ତରଦାତାଙ୍କୁ ଗୋଦାମ ଗୃହରେ ସହକାରୀ ଗୋଦାମ ପରିଚାଳକ ଭାବରେ ନିଯୁକ୍ତ କରାଯାଇଥିଲା I ତିନି ମାସର ଅବଧି ମଧ୍ୟରେ ସେ 2, 61, 859.30 ଟଙ୍କାର ତୋସାରପାତ କରିଥିଲେ I ଉକ୍ତ ଅର୍ଥରାଶିର ତୋସାରପାତ 1976 ଏବଂ ତା 'ପୂର୍ବରୁ ହୋଇଥିଲା I 1979 ମସିହା ଡିସେମ୍ବର 12 ତାରିଖରେ ଏକ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା ଏବଂ ପ୍ରଥମେ 1985 ମସିହାରେ ବିନା ମଞ୍ଜୁରିରେ ମାମଲା ରୁଜୁ କରାଯାଇଥିଲା I ବିଦ୍ୱାନ ଦଣ୍ଡାଧିକାରୀ ଏହି ଆଧାରରେ ଉତ୍ତରଦାତାଙ୍କୁ ଖଲାସ କରିଥିଲେ ଯେ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 197 ଅନୁଯାୟୀ ଆବଶ୍ୟକ ମଞ୍ଜୁରି ପ୍ରାପ୍ତ ହୋଇନଥିଲା I 1991 ରେ, ମଞ୍ଜୁରି ପ୍ରାପ୍ତ ହୋଇଥିଲା ଏବଂ ତା 'ପରେ ଅଭିଯୋଜନ ରୁଜୁ କରାଯାଇଥିଲା I ଦୁର୍ଭାଗ୍ୟବଶତଃ ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 226 ଅନୁଯାୟୀ ଏହାର ଅଧିକରିତା କ୍ଷେତ୍ର ପ୍ରୟୋଗ କରି ମକଦ୍ଦମା ଦାୟର କରିବାରେ 15 ବର୍ଷ ବିଳମ୍ବ ହୋଇଥିବାର ଦର୍ଶାଇ ମାମଲାରେ ହସ୍ତକ୍ଷେପ କରିଛନ୍ତି I ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା ଯେ ଉଚ୍ଚ ନ୍ୟାୟାଳୟ ମାମଲାରେ ହସ୍ତକ୍ଷେପ କରିଥିଲେ, କିନ୍ତୁ ଏହି ପର୍ଯ୍ୟାୟରେ ସମୟର ଦୂରତାକୁ ଦୃଷ୍ଟିରେ ରଖି, ବିଚାର ଆରମ୍ଭ ହେବାର ପର୍ଯ୍ୟାୟରେ ଥିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ।

ଅସ୍ୱାଭାବିକ ବିଳମ୍ବକୁ ବିଚାରକୁ ନେଲେ, ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଆମର ହସ୍ତକ୍ଷେପ ପାଇଁ ଏହା ଉପଯୁକ୍ତ ମାମଲା ନୁହେଁ I ଏହି ଆଧାରରେ ଆବେଦନକୁ ଖାରଜ କରିବାକୁ ଆମେ ବାଧ୍ୟ I

ଟି.ଏନ.ଏ ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।